# NATIONAL NEWS BULLETIN (ODIA)

## 5 October - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଥାନେ ଠାରେ ଆଜି ବିଭିନ୍ନ ମେଟ୍ରୋ ଏବଂ ସଡ଼କ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ହରିଆଣାରେ ଅନୁଷ୍ଠିତ ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ସନ୍ଧ୍ୟା ୫ଟା ସୁଦ୍ଧା ୬୧ ପ୍ରତିଶତ ମତଦାନ ।
- ଖଦି ସାମଗ୍ରୀର ବିକ୍ରୟ ଆଶାନୁରୂପେ ସଫଳତା ଅର୍ଜନ କରି ନୂତନ ରେକର୍ଡ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରି ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ପ୍ରଶଂସା ।
- ଉତ୍ତର ଲେବାନନ୍‌ର ତ୍ରିପୋଲି ସହର ଉପରେ ଇସ୍ରାଏଲ୍‌ର ଆକ୍ରମଣ ।

ଏବଂ

- ଆଇସିସି ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଆଜିର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ପରାସ୍ତ କଲା ଅଷ୍ଟ୍ରେଲିଆ ।

– ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ।

# ପ୍ରଧାନମନ୍ତ୍ରୀ – ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିକଶିତ ଭାରତ ଗଠନ ପାଇଁ ମୁମ୍ବାଇ ଏବଂ ଥାନେ ସହର ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ରହିବା ଉଚିତ୍ । ମହାରାଷ୍ଟ୍ରରେ ମୁମ୍ବାଇ ମେଟ୍ରୋ ପଲିଟାନ୍ ଅଞ୍ଚଳ, ଅଟଳ ସେତୁ, ମୁମ୍ବାଇ ମେଟ୍ରୋ ଏବଂ ତଟବର୍ତ୍ତୀ ସଡ଼କ ଆଦି ଭିତ୍ତିଭୂମି ପ୍ରକଳ୍ପ ଉପରେ ମତାମତ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହିସବୁ ପ୍ରକଳ୍ପ କେବଳ ମହାରାଷ୍ଟ୍ରର ଜନସାଧାରଣଙ୍କ ଜୀବନଶୈଳୀକୁ ସହଜ କରିବା ପାଇଁ ଉଦ୍ଦିଷ୍ଟ ନୁହଁ ବରଂ ଏହା ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଏବଂ ନୂତନ କର୍ମନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ । ଥାନେ ଠାରେ ଆଜି ସନ୍ଧ୍ୟାରେ ବିଭିନ୍ନ ମେଟ୍ରୋ ଏବଂ ସଡ଼କ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବା ଅବସରରେ ସେ ଏହା କହିଛନ୍ତି । ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ୧୪ ହଜାର ୧୨୦ କୋଟି ଟଙ୍କା ମୂଲ୍ୟର ବି.କେ.ସି. ମେଟ୍ରୋ ଷ୍ଟେସନ୍‌ରୁ ଆର୍‌ଏ' ଜେ.ଭି.ଏଲ୍.ଆର୍. ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଟ୍ରୋ ଲାଇନ୍-୩ ରହିଛି । ସେହିପରି ପ୍ରଧାନମନ୍ତ୍ରୀ ୧୨ହଜାର ୨୦୦ କୋଟି ଟଙ୍କା ମୂଲ୍ୟର ଥାନେ ସମନ୍ୱିତ ରିଂ ମେଟ୍ରୋ ରେଳ ପ୍ରକଳ୍ପ, ୨ହଜାର ୫୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ନାଭି ମୁମ୍ବାଇ ଏୟାର୍‌ପୋର୍ଟ୍ ଇନ୍‌ଫ୍ଲୁଏନ୍ସ ନୋଟିଫାଏଡ୍ ଏରିୟା **(NAINA)** ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ସେହିପରି ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଥାନେ ପୌର ମହାନଗର ଲାଗି ଶିଳାନ୍ୟାସ କରିଛନ୍ତି ।

ଆଦିମ ଜନଜାତି ସମ୍ପ୍ରଦାୟର ବିକାଶ ନିମନ୍ତେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଆଜି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିକଶିତ ଭାରତ ଗଠନ ପାଇଁ ସରକାରଙ୍କ ସମସ୍ତ ନିଷ୍ପତ୍ତି ଓ ନୀତି ଉଦ୍ଦିଷ୍ଟ ଏବଂ କୃଷକ ସମାଜ ଏ ଭିଜନର ମୂଳଦୁଆ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମହାରାଷ୍ଟ୍ରର ଓ୍ୱାସିମ୍ ଠାରେ ଏକ ଜନସମାବେଶକୁ ସମ୍ବୋଧନ କରିବା ଅବସରରେ ସେ ଏହା କହିବା ସହ ୨୩ ହଜାର ୩୦୦ କୋଟି ଟଙ୍କାର କୃଷି ଏବଂ ପଶୁପାଳନ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଓ୍ୱାସିମ୍‌ର ପୋହରଦେବୀ ଠାରେ ବଞ୍ଜାରା ସମ୍ପ୍ରଦାୟର ଐତିହ୍ୟ ବହନ କରୁଥିବା ବଞ୍ଜାରା ବିରାସତ ସଂଗ୍ରହାଳୟର ଉଦ୍‌ଘାଟନ କରିଛନ୍ତି । ଏହି ୪ ମହଲା ବିଶିଷ୍ଟ ସଂଗ୍ରହାଳୟରେ ୧୩ଟି ଗ୍ୟାଲେରୀ ରହିଛି । ବଞ୍ଜାରା ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ ହେବା ନିମନ୍ତେ ସଂଗ୍ରହାଳୟ ପରିଦର୍ଶନ କରିବା ଲାଗି ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି ଅବସରରେ ପି.ଏମ୍. କିଶାନ୍ ସମ୍ମାନନିଧି ଯୋଜନାର ୧୮ତମ କିସ୍ତି ବଣ୍ଟନ କରିଛନ୍ତି । ଏହାଦ୍ୱାରା ପ୍ରାୟ ୯ କୋଟି ୪୦ ଲକ୍ଷ କୃଷକଙ୍କୁ ୨୦ ହଜାର କୋଟି ଟଙ୍କା ଅର୍ଥ ରାଶି ସହାୟତା ପ୍ରଦାନ କରାଯାଇପାରିଛି । ସେହିପରି ରାଜ୍ୟର ନମୋ ସେତ୍‌କାରୀ ମହା ସମ୍ମାନ ଯୋଜନା ଅଧୀନରେ ୯୦ ଲକ୍ଷ କୃଷକଙ୍କୁ ୧ ହଜାର ୯୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ୧ ହଜାର ୯୨୦

କୋଟି ଟଙ୍କା ମୂଲ୍ୟର ୭ ହଜାର ୫୦୦ କୃଷି ଭିତ୍ତିଭୂମି ପାଣି ପ୍ରକଳ୍ପ ଉତ୍ସର୍ଗୀକୃତ କରାଯାଇଛି ।

ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥନୈତିକ ବିକାଶ ଦିଗରେ ମହାରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜ୍ୟର ଗରିବ, କୃଷକ, ଶ୍ରମିକ, ଦଳୀତ ଲୋକଙ୍କର ସଶକ୍ତି କରଣ ଦ୍ୱାରା ଏହି ବିକାଶ ସମ୍ଭବପର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ହରିଆଣା ଭୋଟ୍

ହରିଆଣାରେ ଆଜି ଅନୁଷ୍ଠିତ ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ସନ୍ଧ୍ୟା ୫ଟା ସୁଦ୍ଧା ୬୧ ପ୍ରତିଶତ ମତଦାନ ହୋଇଛି । ଏହି ପର୍ଯ୍ୟାୟରେ ୯୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିଲା ।  ପ୍ରାୟ ୨ କୋଟି ୩ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ଆଜି ଏକ ହଜାର ୩୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି । ରାଜ୍ୟରେ ସମୁଦାୟ ୨୦ ହଜାର ୬୩୨ଟି ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା । ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବା ନିମନ୍ତେ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ୱେବ୍‌କାଷ୍ଟିଂ ସୁବିଧା ସହ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ୍ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟ୍ ଗ୍ରହଣକୁ ଗଣତନ୍ତ୍ରର ଏକ ପର୍ବ ଭାବେ ଜନସାଧାରଣ ବିବେଚନା କରି ବହୁ ସଂଖ୍ୟାରେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଚଳିତ ନିର୍ବାଚନରେ ଅଂଶଗ୍ରହଣ କରିଥିବା ଯୁବ ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ଇଣ୍ଡିଆନ୍ ବାୟୁ ସେନା

ଭାରତୀୟ ବାୟୁସେନା ଆସନ୍ତାକାଲି ଓ ୮ ତାରିଖ ଦିନ ଚେନ୍ନାଇରେ ତାର ୯୨ତମ ପ୍ରତିଷ୍ଠା ଦିବସ ପାଳନ କରିବ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଗ୍ରୁପ୍ କ୍ୟାପ୍ଟେନ୍ ସୁପାନଦୀପ ସିଂହ କହିଛନ୍ତି, ଏହି ଅବସରରେ ମାରିନାବିଚ୍‌ରେ ୧ ଘଣ୍ଟା ୫୩ ମିନିଟ୍ ଧରି ଏୟାର୍ ଶୋ ପ୍ରଦର୍ଶିତ ହେବ । ତାମ୍ରମ୍ ଠାରେ ଥିବା ବାୟୁସେନା ଘାଟିରେ ୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ କରାଯିବ । ଏହି ଅବସରରେ ସେଠାରେ ପରେଡ୍ ଓ ଆକାଶମାର୍ଗରେ ବିମାନ ଉଡ଼ାଣ କରାଯିବ । ଏହି ଅବସରରେ ବହୁ ସଂଖ୍ୟାରେ ପରିଦର୍ଶକମାନଙ୍କୁ ସାମିଲ କରାଯାଇ ବାୟୁସେନା ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ସିଂହ କହିଛନ୍ତି । ଏୟାର୍ ଶୋ'ରେ ୧୦ରୁ ୧୨ ଲକ୍ଷ ଦର୍ଶକ ଏକତ୍ରିତ ହେବାର ଆଶା କରାଯାଉଛି ।

ଇତିମଧ୍ୟରେ ବାୟୁସେନା ମୁଖ୍ୟ ଏୟାର୍ ମାର୍ଶାଲ୍ ଅମରପ୍ରୀତ ସିଂହ କହିଛନ୍ତି, ଭବିଷ୍ୟତର ଆହ୍ୱାନକୁ ଦୃଷ୍ଟିରେ ରଖି ବାୟୁସେନା ନିଜକୁ ବିକଶିତ କରିବା ସହିତ ୨୦୪୭ ମସିହା ବେଳକୁ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିବାର ଲକ୍ଷ୍ୟ ରଖିଛି ।

## ପ୍ରଧାନମନ୍ତ୍ରୀ-ସ୍ୱରାଷ୍ଟ୍ରମନ୍ତ୍ରୀ-ଖଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଖଦି ସାମଗ୍ରୀର ବିକ୍ରୟ ଆଶାନୁରୂପେ ସଫଳତା ଅର୍ଜନ କରି ନୂତନ ରେକର୍ଡ ସୃଷ୍ଟି କରିଥିବାରୁ ଏହାର ପ୍ରଶଂସା କରିଛନ୍ତି । ଦେଶବାସୀଙ୍କ ମଧ୍ୟରେ ସ୍ୱଦେଶୀ ଜାଗରଣ ଦ୍ରୁତ ଭାବେ ବୃଦ୍ଧି ପାଇଥିବା ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଗାନ୍ଧିଜୟନ୍ତୀ ଅବସରରେ ନୂଆଦିଲ୍ଲୀ ସ୍ଥିତ ଖଦି ଭବନ ଠାରେ ପ୍ରଥମ ଦିନରେ ୨ କୋଟି ୧ ଲକ୍ଷ ୩୭ ହଜାର ଟଙ୍କାର ଖଦି ସାମଗ୍ରୀ ବିକ୍ରି ହୋଇଥିବା ସେ ପ୍ରକାଶ କରିଛନ୍ତି । ଖଦି ବୁଣାକାରମାନଙ୍କ ଦୃଢ଼ ସମର୍ଥନ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଥିବାରୁ ଶ୍ରୀ ମୋଦୀ ସନ୍ତୋଷବ୍ୟକ୍ତ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଖଦି ଏବଂ ସ୍ଥାନୀୟ ସାମଗ୍ରୀ କିଣିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସାଧାରଣଙ୍କୁ ନିବେଦନ ଏକ ବିପ୍ଳବକାରୀ ପଦକ୍ଷେପ । ଶ୍ରୀ ଶାହା ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଖଦି ଶିଳ୍ପ ଆଜି ନୂତନ କୀର୍ତ୍ତିମାନ ସ୍ଥାପନ କରିବାରେ ସମର୍ଥ ହୋଇପାରିଛି ।

## ଯୋଶୀ-ଜର୍ମାନ

କେନ୍ଦ୍ର ପୁନଃ ନବୀକରଣ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆସନ୍ତାକାଲି ଠାରୁ ଜର୍ମାନୀକୁ ୩ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ମନ୍ତ୍ରୀ ଦୁଇ ଦିନିଆ ହାମ୍ବବର୍ଗ ଦୀର୍ଘସ୍ଥାୟୀ ସମ୍ମିଳନୀରେ ଅଂଶଗ୍ରହଣ କରିବେ । ଶ୍ରୀ ଯୋଶୀ' ଜର୍ମାନୀ, ଆମେରିକାର ମନ୍ତ୍ରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଦୀର୍ଘ ସ୍ଥାୟୀ ବିକାଶ, ସବୁଜ ହାଇଡ୍ରୋଜେନ୍, ପୁନଃ ନବୀକରଣ ଶକ୍ତି ସଂକ୍ରାନ୍ତରେ ଆଲୋଚନା କରିବେ । ମନ୍ତ୍ରୀ ଶ୍ରୀ ଯୋଶୀଙ୍କ ଏହି ଗସ୍ତର ଭାରତ ଓ ଜର୍ମାନ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାର ଲକ୍ଷ୍ୟ ରହିଛି ।

## ଡି.ଆର୍.ଡି.ଓ.

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଡି.ଆର୍.ଡି.ଓ. ପକ୍ଷରୁ ଆଜି ରାଜସ୍ଥାନର ପୋଖରାନ୍ ଉତ୍କ୍ଷେପଣ ରେଞ୍ଜରୁ ଚତୁର୍ଥ ପର୍ଯ୍ୟାୟର ଅତି କ୍ଷୁଦ୍ର ରେଞ୍ଜ ଏୟାର୍ ଡିଫେନ୍ସ ସିଷ୍ଟମ୍ **VSHORADS** କ୍ଷେପଣାସ୍ତ୍ରର ତିନୋଟି ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷା ଗତ ଦୁଇ

ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହାର ଅତି କ୍ଷୀପ୍ର ଭାବରେ ଲକ୍ଷ୍ୟ ଭେଦ କରିବାର ଏହାର କ୍ଷମତା ରହିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏୟାର୍ ଡିଫେନ୍ସ ସିଷ୍ଟମ୍‌ର ସଫଳ ପରୀକ୍ଷଣ, ବିଭିନ୍ନ କ୍ଷେତ୍ରରେ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିପାରିବ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳତା ପାଇଁ ଡି.ଆର୍.ଡି.ଓ.ର ବୈଜ୍ଞାନିକ, ସେନା ବାହିନୀ ଏବଂ କାର୍ଯ୍ୟରତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରାଂଶରେ ନିର୍ମିତ ଏହି କ୍ଷେପଣାସ୍ତ୍ର ସେନାବାହିନୀକୁ ଅଧିକ କ୍ରିୟାଶୀଳ କରିବ ।

## ଇସ୍ରାଏଲ୍ ଆକ୍ରମଣ

ଉତ୍ତର ଲେବାନନର ତ୍ରିପୋଲି ସହର ଉପରେ ଆଜି ସକାଳେ ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ କରାଯାଇଛି । ପ୍ରଥମଥର ଲାଗି ଏହି ସହର ଉପରେ ଆକ୍ରମଣ କରାଯାଇଥିବା ଜଣାଯାଇଛି । ତ୍ରିପୋଲିର ବିରୁଟ୍ ଅଞ୍ଚଳରେ ଇସ୍ରାଏଲ୍ ପକ୍ଷରୁ ବୋମା ଆକ୍ରମଣ କରାଯାଇଥିଲା । ଇସ୍ରାଏଲ୍ ପକ୍ଷରୁ ଲେବାନନ୍ ଉପରେ ବିମାନ ଆକ୍ରମଣ ଜୋର୍‌ଦାର କରାଯାଇଛି । ଇସ୍ରାଏଲ୍-ଲେବାନନ୍ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ହିଜ୍‌ବୁଲ୍ଲା ସହ ଗୁଳିବିନିମୟ ହୋଇଥିବା ଜଣାଯାଇଛି । ହିଜ୍‌ବୁଲ୍ଲାର ଗୁଇନ୍ଦା ମୁଖ୍ୟ

କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ ପକ୍ଷରୁ ଦାବି କରାଯାଇଛି । ଅପର ପକ୍ଷରେ ଏହି ବିବାଦ ଯୋଗୁଁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସ୍ଥାନଚ୍ୟୁତ ହୋଇଥିବା ଲେବାନନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ମଙ୍କିପକ୍ସ-ଡବ୍ଲୁଏଚ୍‌ଓ

ମଙ୍କିପକ୍ସ ସଂକ୍ରମିତଙ୍କ ପ୍ରଥମ ନିଦାନ ପରୀକ୍ଷଣକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମୋଦନ କରିଛି। ଡବ୍ଲୁଏଚ୍‌ଓ କହିଛି ଏହାଦ୍ୱାରା ସଂକ୍ରମିତ ଦେଶଗୁଡ଼ିକରେ ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ପାଇବ । ଶୀଘ୍ର ଏବଂ ସଠିକ୍ ପରୀକ୍ଷଣ ତ୍ୱରାନ୍ୱିତ ହେବ ବୋଲି ଡବ୍ଲୁଏଚ୍‌ଓ ଆଶା କରିଛି । ଆଫ୍ରିକାରେ ଏପର୍ଯ୍ୟନ୍ତ ୮ଶହରୁ ଅଧିକ ଏମ୍-ପକ୍ସ ସଂକ୍ରମିତଙ୍କର ମୃତ୍ୟୁ ହୋଇଛି । ୩୦ ହଜାରରୁ ଅଧିକ ଲୋକ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଆଫ୍ରିକୀୟ ସଂଘର ରୋଗ ନିୟନ୍ତ୍ରଣ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ୧୬ଟି ଦେଶରେ ଏହି ରୋଗର ଚିହ୍ନଟ କରାଯାଇଛି । କଙ୍ଗୋରେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିବା ସଂଘ ସୂଚନା ଦେଇଛି।

# କ୍ରିକେଟ୍

ସାରାଜଠାରେ ଚାଲିଥିବା ଆଇ.ସି.ସି. ନବମ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଆଜି ଗ୍ରୁପ୍-ଏ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୯୩ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ଦଳ ୧୪ ଓଭର ୨ଟି ବଲ୍‌ରେ ୪ ୱିକେଟ୍ ହରାଇ ୯୪ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।

ଆଉ ଅଳ୍ପ ସମୟ ପରେ ଗ୍ରୁପ୍-ବି'ର ଏକ ମ୍ୟାଚ୍ ଇଂଲଣ୍ଡ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ । ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ।